# NATIONAL NEWS BULLETIN (ODIA)
## 18 August - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ସଦନ ଆଜି ପାଇଁ ମୁଲତବୀ ।

- ସଂସଦର ଅନୁମୋଦନ ଲାଭ କଲା ଭାରତୀୟ ବନ୍ଦର ବିଲ୍ ୨୦୨୫ ।

- ଆଜିଠାରୁ କାର୍ଯ୍ୟକ୍ଷମ ହେଲା ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ପୋର୍ଟାଲ୍ ।

- ରୁଷ ରାଷ୍ଟ୍ରପତିଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଶିଶୁ ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ ଆୟୁର୍ବେଦର ଭୂମିକା ଗୁରୁତ୍ୱପୂର୍ଣ୍ଣ, କହିଲେ ଆୟୁଷ ରାଷ୍ଟ୍ରମନ୍ତ୍ରୀ ।

# ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପରେ ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଆଜି ପାଇଁ ମୁଲତବୀ କରାଯାଇଛି । ଅପରାହ୍ଣ ୨ଟା ପରେ ଲୋକସଭାରେ ପୁଣିଥରେ ଆଲୋଚନା ଆରମ୍ଭ କରିବା ପାଇଁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଆସିବା ପରେ ପ୍ରଥମେ ମହାକାଶଚାରୀ ତଥା ଭାରତୀୟ ବାୟୁସେନାର ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କୁ ଗୃହ ପକ୍ଷରୁ ଅଭିନନ୍ଦନ ଜଣାଇଥିଲେ ।

ଏହି ଅବସରରେ ଶ୍ରୀ ବିର୍ଲା କହିଥିଲେ, କ୍ୟାପ୍ଟେନ୍ ଶୁକ୍ଲା ପ୍ରଥମ ଭାରତୀୟ ଭାବେ ଏକ୍ସିଓମ୍ ମିଶନ୍-ଫୋର୍ ଅଧୀନରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ପହଞ୍ଚି ଇତିହାସ ରଚିଛନ୍ତି । ଏହି ପ୍ରସଙ୍ଗରେ ସେ ଗୃହର ସମସ୍ତ ସଭ୍ୟମାନଙ୍କୁ ଆଲୋଚନା କରିବା ପାଇଁ ଆହ୍ୱାନ କରିଥିଲେ । ବିକଶିତ ଭାରତ ୨୦୪୭ ଗଠନ କରିବା ପାଇଁ ଏହି ମହାକାଶ ଅଭିଯାନର ବିଶେଷ ଗୁରୁତ୍ୱ ରହିଥିବା ଶ୍ରୀ ବିର୍ଲା ଅଭିହିତ କରିଥିଲେ । ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହି ଆଲୋଚନାକୁ ଆଗକୁ ନେବା ପାଇଁ ପ୍ରୟାସ କରିଥିଲେ । ତେବେ ବିରୋଧୀ ସଭ୍ୟମାନଙ୍କର ପାଟିତୁଣ୍ଡକୁ ଦୃଷ୍ଟିରେ ରଖି ଆଜିପାଇଁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ ୧୨ଟାରେ ଲୋକସଭା ଆରମ୍ଭ ହେବା ପରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଜନବିଶ୍ୱାସ ସଂଶୋଧନ ବିଧେୟକ ୨୦୨୫ ଆଗତ କରିଥିଲେ । ଏହି ବିଧେୟକରେ କେତେକ ଅପରାଧକୁ ଦଣ୍ଡମୁକ୍ତ କରିବା ଏବଂ ଯୁକ୍ତିଯୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି । ଯାହାଫଳରେ ଜୀବନଯାପନ ଆହୁରି ସହଜ ହୋଇପାରିବ । ଏହି ବିଧେୟକକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ସ୍ଥିର କରାଯାଇଥିଲା । ଆସନ୍ତା ଅଧିବେଶନର ପ୍ରଥମ ଦିନ ସୁଦ୍ଧା ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି । ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତୀୟ ପ୍ରତିଷ୍ଠାନ ସଂଶୋଧନ ବିଧେୟକ ୨୦୨୫ ଆଗତ କରିଥିଲେ । ଏହି ବିଧେୟକ ଭାରତୀୟ ପ୍ରତିଷ୍ଠାନ ପରିଚାଳନା ଆଇନ୍ ୨୦୧୭ରୁ ସଂଶୋଧନ କରି କେତେକ ପରିବର୍ତ୍ତନ ଅଣାଯିବାକୁ ପ୍ରସ୍ତାବ ରହିଛି ।

ବିହାର ଭୋଟର ତାଲିକା ସଂଶୋଧନ ଅଭିଯାନରେ ଗୃହରେ ହଟ୍ଟଗୋଳ ଜାରି ରହିଥିବାବେଳେ ଏହି ବିଧେୟକ ଆଗତ କରାଯାଇଥିଲା । ତେବେ ହଟ୍ଟଗୋଳ ଜାରି ରହିବାରୁ ଲୋକସଭାରେ ଅଧ୍ୟକ୍ଷତା କରୁଥିବା ପୀଠାସୀନ ଅଧିକାରୀ ସଂଧ୍ୟା ରାୟ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

ଆଜି ପୂର୍ବାହ୍ନ ୧୧ଟା ସମୟରେ ଲୋକସଭା କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀଦଳ ସଦସ୍ୟମାନେ ବିହାର ସ୍ୱତନ୍ତ୍ର ଭୋଟର ସଂଶୋଧନ ଅଭିଯାନ ନେଇ ତୀବ୍ର ପ୍ରତିବାଦ କରିଥିଲେ । ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିକ୍ଷୋଭରତ ସଦସ୍ୟମାନଙ୍କୁ ଚେତାବନୀ ଦେଇଥିଲେ ଯେ, ଯଦି ସରକାରୀ ଜିନିଷପତ୍ର ନଷ୍ଟ କରାଯାଏ ତେବେ ସେମାନଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯିବ । ସେ କହିଥିଲେ ଗୃହ, ଲୋକମାନଙ୍କ ସମସ୍ୟା ଓ ତା'ର ସମାଧାନ ପାଇଁ ଉଦ୍ଦିଷ୍ଟ; କିନ୍ତୁ ବିରୋଧୀ ସଦସ୍ୟମାନେ ଯେଉଁଭଳି ଭାବେ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ତାହା ଗ୍ରହଣୀୟ ନୁହେଁ । ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ କଥା ଶୁଣି ନଥିଲେ । ଫଳରେ ବାଚସ୍ପତି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ।

## ଆର୍‌ଏସ୍-ଇଣ୍ଡିଆନ୍ ପୋର୍ଟସ୍ ବିଲ୍

ଭାରତୀୟ ବନ୍ଦର ବିଲ୍ ୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ରାଜ୍ୟସଭାରେ ଆଜି ଏହାକୁ ମଞ୍ଜୁରୀ ମିଳିଛି । ଏହି ବିଲ୍‌ର ଲକ୍ଷ୍ୟ ରହିଛି, ରାଜ୍ୟସାମୁଦ୍ରିକ ବୋର୍ଡ୍ ଗଠନ ଏବଂ ଏହାକୁ ସଶକ୍ତ କରିବା । ଏହି ବିଲ୍ ପାରିତ ହେବା ଦ୍ୱାରା ଦେଶରେ ଥିବା ପ୍ରମୁଖ ବନ୍ଦର ଗୁଡ଼ିକୁ ସଠିକ୍ ଭାବେ ପରିଚାଳନା କରିବାକୁ ସହଜ ହେବା ସହ ରାଜ୍ୟ ସାମୁଦ୍ରିକ ଉନ୍ନୟନ ପରିଷଦ ମଧ୍ୟ ଗଠନ ହୋଇପାରିବ । ଏହାଦ୍ୱାରା

ବନ୍ଦରଗୁଡ଼ିକରେ ଦେଖାଯାଉଥିବା ପ୍ରଦୂଷଣ, ବିପର୍ଯ୍ୟୟ, ଜରୁରୀକାଳୀନ ସ୍ଥିତି, ନିରାପତ୍ତା, ଜାହାଜ ଚଳାଚଳ ଏବଂ ବନ୍ଦର ଗୁଡ଼ିକରେ ସମସ୍ତ ବିବରଣୀ ସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ।

ଦେଶର ବିଭିନ୍ନ ବନ୍ଦର ଗୁଡ଼ିକର ସଂରକ୍ଷଣ ହେବା ସହ ଆନ୍ତର୍ଜାତିକ କ୍ଷେତ୍ରରେ ଏହାର ସଂଯୋଗୀକରଣ ସମ୍ଭବ ହୋଇପାରିବ । ବନ୍ଦରରେ ଦେଖାଯାଉଥିବା ବିଭିନ୍ନ ଆନ୍ତର୍ଜାତିକ ବିବାଦଗୁଡ଼ିକୁ ଏହି ପରିଷଦ ଗଠନ ହେବା ଦ୍ୱାରା ସମାଧାନ କରାଯାଇପାରିବ ।

ରାଜ୍ୟସଭାରେ ଏହି ପ୍ରସଙ୍ଗରେ ଆଲୋଚନାରେ ଭାଗ ନେଇ ବନ୍ଦର ଏବଂ ଜାହାଜ ଚଳାଚଳ ତଥା ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ୍ କହିଛନ୍ତି, ଏହି ବିଲ୍‌ରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ଶ୍ରୀ ସୋନୱାଲ୍ କହିଛନ୍ତି, ସମସ୍ତ ଉପକୂଳବର୍ତ୍ତୀ ରାଜ୍ୟ ସରକାର ଏବଂ ବନ୍ଦର ପରିଚାଳନା କରୁଥିବା ବ୍ୟବସାୟମାନଙ୍କ ସହ ବିସ୍ତୃତ ଆଲୋଚନା କରି ଏହି ବିଲ୍ ଉପସ୍ଥାପନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଖୁବ୍ ଶୀଘ୍ର ବିଶ୍ୱର ପ୍ରମୁଖ ସାମୁଦ୍ରିକ ରାଷ୍ଟ୍ର ଭାବେ ପରିଗଣିତ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଗୃହରେ କହିଛନ୍ତି । ଭାରତ ମଧ୍ୟ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତମ ଅର୍ଥନୀତି ଭାବେ ପରିଗଣିତ ହେବା ସହ ତାଙ୍କ ମନ୍ତ୍ରଣାଳୟ ଏ ଦିଗରେ ସମସ୍ତ ସହଯୋଗ କରିବ ବୋଲି ସେ କହିଛନ୍ତି ।

ଏହି ବିଲ୍ ଉପସ୍ଥାପନ କରିବା ପୂର୍ବରୁ ଗୃହରେ ମନ୍ତ୍ରୀ କହିଥିଲେ, ବନ୍ଦର ସମ୍ପର୍କିତ ବିଭିନ୍ନ ଦିଗକୁ ସମୀକ୍ଷା କରି ସମନ୍ୱିତ ଉନ୍ନୟନକୁ ଦୃଷ୍ଟିରେ ରଖି ଏହି ବିଲ୍ ପ୍ରସ୍ତୁତ କରାଯାଇଛି । ଏହାଦ୍ୱାରା ସାମୁଦ୍ରିକ ବ୍ୟବସାୟ କରିବା ସହଜ ହେବା ସହ ଦେଶର ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

ଏହି ଆଲୋଚନାରେ ଭାଗ ନେଇ ବିଜେପି ସାଂସଦ ରାମଭାଇ ମୋକାରିୟା କହିଛନ୍ତି, ବନ୍ଦର ବିକାଶ କ୍ଷେତ୍ରରେ ଏହି ବିଲ୍ ଏହି ଯୁଗାନ୍ତକାରୀ ପଦକ୍ଷେପ ଭାବେ ଉଭା ହେବ । ସେ କହିଛନ୍ତି, ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବିଭିନ୍ନ ବନ୍ଦରରେ ସାମୁଦ୍ରିକ କାରବାର ୮୭ ପ୍ରତିଶତ ବୃଦ୍ଧି ପାଇଛି ।

ଏହି ଆଲୋଚନାରେ ଓ୍ୱାଇ.ଏସ୍.ଆର୍.ସି.ପି., ବିଜେଡ଼ି, ଏନ୍.ସି.ପି., ଏ.ଆଇ.ଏ.ଡି.ଏମ୍.କେ., ବି.ଆର୍.ଆସ୍.ର ସାଂସଦମାନେ ଅଂଶଗ୍ରହଣ କରିଥିଲେ ।

# ପିଏମ୍ ବିକ୍‌ସିତ୍ ଭାରତ ରୋଜଗାର ପୋର୍ଟାଲ୍

ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ପୋର୍ଟାଲ୍ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି । ଏହି ଯୋଜନା ଅଧୀନରେ ବିଭିନ୍ନ କମ୍ପାନୀରେ ପ୍ରଥମଥର ପାଇଁ ନିଯୁକ୍ତି ପାଇଥିବା ଯୁବବର୍ଗଙ୍କୁ ୧୫ ହଜାର

ଟଙ୍କାର ପ୍ରୋତ୍ସାହନମୂଳକ ରାଶି ପ୍ରଦାନ କରାଯିବ । ଦୁଇଟି ପର୍ଯ୍ୟାୟରେ ଏହି ରାଶି ନିଯୁକ୍ତଙ୍କୁ ପ୍ରଦାନ କରାଯିବ । ଅନ୍ୟ ପକ୍ଷରେ ନିଯୁକ୍ତି ସୁଯୋଗ ପ୍ରଦାନ କରିଥିବାରୁ କମ୍ପାନୀକୁ ପ୍ରତି ନବନିଯୁକ୍ତଙ୍କ କ୍ଷେତ୍ରରେ ମାସିକ ତିନି ହଜାର ଟଙ୍କା ଲେଖାଏଁ କମ୍ପାନୀକୁ ପ୍ରଦାନର ବ୍ୟବସ୍ଥା ରହିଛି ।

ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲ୍‌କିଲ୍ଲାରୁ ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ । ଆସନ୍ତା ଦୁଇ ବର୍ଷ ମଧ୍ୟରେ ସାଢ଼େ ତିନିକୋଟିରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାରେ ଏହି ଯୋଜନା ସହଯୋଗ ।ପ୍ରଦାନ କରିବ ବୋଲି ଆଶା କରାଯାଉଛି । ବିଭିନ୍ନ କ୍ଷେତ୍ରରେ ସାମାଜିକ ସୁରକ୍ଷା, ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ, ଯୁବବର୍ଗଙ୍କ ପାଇଁ ନିରନ୍ତର ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ଯୋଜନା ଆରମ୍ଭ କରାଯାଇଛି । ନିଯୁକ୍ତିଦାତା ଏହି ଯୋଜନାର ପୋର୍ଟାଲ୍‌ରେ ପଞ୍ଜିକରଣ କରିବାକୁ ପରାମର୍ଶ ଦିଆଯାଇଛି ।

## ପିଏମ୍-ପୁଟିନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ଆଜି ଟେଲିଫୋନ୍ ଯୋଗେ ବାର୍ତ୍ତାଳାପ କରିଛନ୍ତି । ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ରୁଷ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇବା ସହ ଆଲାସ୍କା ଠାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ରୁଷ ରାଷ୍ଟ୍ରପତିଙ୍କ ବାର୍ତ୍ତାଳାପ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ନିରବଚ୍ଛିନ୍ନ ଭାବେ ୟୁକ୍ରେନ୍ ଏବଂ ରୁଷ ମଧ୍ୟରେ ଜାରି ରହିଥିବା ସଂଘର୍ଷକୁ ବନ୍ଦ କରିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଏ ଦିଗରେ ଭାରତ ତାର ସମର୍ଥନ ଜାରି ରଖିବ ବୋଲି କହିଛନ୍ତି । ରାଷ୍ଟ୍ରପତି ପୁଟିନ୍‌ଙ୍କ ସହ ଆଗାମୀ ଦିନରେ ଏହି ପ୍ରସଙ୍ଗରେ ଶ୍ରୀ ମୋଦୀ ପୁଣି ଆଲୋଚନା କରିବେ ବୋଲି ସୂଚନା ଦେଇଛନ୍ତି ।

## ଶାହା-ବାଜିରାଓ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶ୍ରୀମନ୍ତ ବାଜିରାଓ ପେଶୱାଙ୍କ ଜନ୍ମ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ବାର୍ତ୍ତା ଦେଇ ଶ୍ରୀ ଶାହା କହିଛନ୍ତି, ବାଜିରାଓ ପେଶ୍ୱା ମୋଗଲ ଆକ୍ରମଣକାରୀମାନଙ୍କୁ ବିଭିନ୍ନ ଯୁଦ୍ଧରେ ପରାସ୍ତ କରିବା ସହ କୂଟନୀତି ଏବଂ ରଣନୀତିରେ ବିଜୟ ହାସଲ କରି ମାତୃଭୂମିର ସୁରକ୍ଷାକୁ ଦୃଢ଼ିଭୂତ କରିଥିଲେ । ସେ କହିଛନ୍ତି, ସାରା ଜୀବନ ବାଜିରାଓ ପେଶ୍ୱା ମାତୃଭୂମିର ସୁରକ୍ଷା ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ । ଯୁବକମାନଙ୍କ ମଧ୍ୟରେ ସ୍ୱରାଜ ମୂଲ୍ୟବୋଧର ପ୍ରଦୀପ ପ୍ରଜ୍ୱଳନ କରି

ବ୍ରିଟିଶ୍ ଶାସନର କ୍ରୀତଦାସ ପ୍ରଥାକୁ ଉଚ୍ଛେଦ କରିବାରେ ପେଶୱାଙ୍କର ଅବଦାନ ସମ୍ପର୍କରେ ଶ୍ରୀ ଶାହା ଉଲ୍ଲେଖ କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜଳବାହିତ ରୋଗରୁ ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍ସର ପ୍ରଫେସର ଡାକ୍ତର ପୁନିତ୍ ମିଶ୍ର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଆୟୁର୍ବେଦ

ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି, ଶିଶୁ ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ ଆୟୁର୍ବେଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୂଆଦିଲ୍ଲୀ ଠାରେ

ଆରମ୍ଭ ହୋଇଥିବା ଆୟୁର୍ବେଦ ସମ୍ପର୍କିତ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ରରେ ବାର୍ତ୍ତା ଦେଇ ଶ୍ରୀ ଯାଦବ କହିଛନ୍ତି, ସମାଜରେ ଶିଶୁମାନଙ୍କର ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ଆୟୁର୍ବେଦର ଅବଦାନ ସବୁବେଳେ ରହି ଆସିଛି । ଅସୁସ୍ଥତା ଏବଂ ସୁସ୍ଥତା ଶୀର୍ଷକ ଆଲୋଚନାଚକ୍ରରେ ଆୟୁର୍ବେଦକୁ ପ୍ରୋତ୍ସାହନ କରିବା ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଛନ୍ତି । ଆଧୁନିକ ଚିକିତ୍ସା କ୍ଷେତ୍ରରେ ଆୟୁର୍ବେଦର ଏବେ ମଧ୍ୟ ଗୁରୁତ୍ୱ ରହିଛି ବୋଲି ମନ୍ତ୍ରୀ କହିଛନ୍ତି । ଏହି ଦୁଇଦିନିଆ ଆଲୋଚନାଚକ୍ରରେ ବିଭିନ୍ନ ଗବେଷକ, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଆୟୁର୍ବେଦ ଚିକିତ୍ସା କ୍ଷେତ୍ରକୁ ବ୍ୟାପକ କରିବା ପାଇଁ ଆଲୋଚନା କରିବେ ।